# Akashvani, Sambalpur

## SAMBALPURI NEWS BULLETIN

### 5 March 2025- 6.47- 6.52 am.

*********************************************

ପ୍ରଧାନମନ୍ତ୍ରୀ ବନ୍‌ତାରା ଉଦ୍‌ଘାଟନ        ପିଆଇବି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ଜାମନଗରଠାନେ ବନ୍ୟଜନ୍ତୁ ସଂରକ୍ଷଣ, ଉଦ୍ଧାର ଆଉ ଭିନ୍ ଭିନ୍ ପୁନର୍ବାସ କେନ୍ଦ୍ର 'ବନ୍‌ତାରା'କେ ଗଲାକାଏଲ୍ ଉଦ୍‌ଘାଟନ୍ କରିଛନ୍ । ଇ ଅବସରେ ପ୍ରଧାନମନ୍ତ୍ରୀ କହିଛନ୍, ବନ୍‌ତାରା ବନ୍ୟଜନ୍ତୁମାନଙ୍କୁ ସୁରକ୍ଷିତ୍ ବାତାବରଣ ଯୁଗାବାର୍ ସହେତେ ସେମାନଙ୍କର କଲ୍ୟାଣ ଦିଗେ କାମ୍ କର୍‌ବା ।

ମୁଖ୍ୟମନ୍ତ୍ରୀ ଜଲ୍‌ସମ୍ପଦ୍ ବିଭାଗ ସମୀକ୍ଷା-        I&PR

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଲାକାଏଲ୍ ଲୋକ ସେବା ଭବନ୍‌ଠାନେ ଜଲ୍ ସମ୍ପଦ୍ ବିଭାଗ୍‌ର ଭିନ୍ ଭିନ୍ ଡେମ୍ ଆଉ ବୃହତ୍ ଜଲ୍‌ସେଚନ୍ ପ୍ରକଳ୍ପ କାମ୍‌ର ସମୀକ୍ଷା କରିଛନ୍ । ବରଗଡ଼ ଜିଲ୍ଲାର ଅଙ୍ଗ, ସୁନ୍ଦରଗଡ଼ ଜିଲ୍ଲା ଇବ୍ ସହେତେ ୫ଟା ବୃହତ୍ ଜଲ୍‌ସେଚନ୍

ପ୍ରକଳ୍ପର କାମ୍ ମୁଲ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ଇ ୫ଟା ପ୍ରକଳ୍ପ ଜରିଏ ରାଜ୍ୟର ୨ ଲାଖ୍ ୧୫ ହଜାର ଶହେ ୯୨ ହେକ୍ଟର ଜମିକେ ପାଏନ୍ ମାଡ଼ିପାର୍‌ବା । ଇଥିର୍ ଲାଗି ଜଲ୍‌ସମ୍ପଦ୍ ବିଭାଗ୍ ତର୍‌ଫୁ ସବୁ ଦରକାରୀ ପଦକ୍ଷେପ ଜଲ୍‌ଦି ନେବାର୍‌କେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ଉପମୁଖ୍ୟମନ୍ତ୍ରୀ ବିଦ୍ୟୁତ୍ ବିଲ୍- ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଇ ବଛର୍‌ନୁ ବିଜଲି ଦର୍ ନାଇ ବଢ଼େ ବଲି ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ । ମନ୍ତ୍ରୀ ଆହୁରି କହିଛନ୍, ଇ ବଛର୍ ଯେନ୍ତା ବିଦ୍ୟୁତ୍ କାଟ୍ ନାଇଁ ହେବା ସେ ବାବ୍‌ଦେ ସରକାର ଚେରେଷ୍ଟା କରୁଛନ୍ । ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜ୍‌ନାଥି ୩ ଶହ ୟୁନିଟ୍ ବିଜ୍‌ଲି ଯୁଗେଇ ଦିଆଯିବା ବଲି ସରକାରଙ୍କର ତର୍‌ଫୁ କୁହାଯାଇଥିଲା । ଯେନ୍‌ମାନେ ଇଥି ଆବେଦନ ନାଇଁକରି ତୁର୍‌ତି ଆବେଦନ୍ କର୍‌ବାକେ ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

ବିଜୁ ପଟ୍ଟନାୟକଙ୍କର୍ ଜୟନ୍ତୀ- ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାର୍ ବରପୁତ୍ର ବିଜୁ ପଟ୍ଟନାୟକଙ୍କର୍ ଜୟନ୍ତୀ ଉଛବ୍ ଆଏଜ୍ ଭୁବନେଶ୍ୱର ଜୟଦେବ ଭବନଠାନେ ମହା ସମାରୋହଥି ପାଲନ୍ କରାଯିବା । ଇ ଅବ୍‌ସରେ ଆଏଜ୍ ବେଲ୍‌ବୁଡ଼େ ବିଜୁବାବୁଙ୍କର ଜୀବନୀ ଆଧାରିତ୍ ଗୁଟେ ଫଟୁ ପ୍ରଦର୍ଶନୀ ହେବା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇକରି ପ୍ରଦର୍ଶନୀ ଉଦ୍‌ଘାଟନ୍ କର୍‌ବେ । ସମାରୋହଥି ବିରୋଧୀ ଦଲ୍ ନେବା ନବୀନ ପଟ୍ଟନାୟକଙ୍କୁ ସମ୍ମାନୀତ୍ ଅତିଥି ଭାବେ ଯୋଗ୍ ଦେବାର୍‌କେ ମୁଖ୍ୟମନ୍ତ୍ରୀ ନିମନ୍ତ୍ରଣ ଦେଇଛନ୍ । ଇ ଅବ୍‌ସରେ ଦୁହି ଉପମୁଖ୍ୟମନ୍ତ୍ରୀ, ଭୁବନେଶ୍ୱର ସାଂସଦ୍ ଆଉ ବିଧାୟକ୍‌ମାନେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ ରହିଛେ ।

ଖଡ଼ିଛୁଆଁ ଉତ୍ସବ      ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୫-୨୬ ଶିକ୍ଷା ବଛର୍ ଲାଗି ବିଦ୍ୟାଳୟ ମାନ୍‌କେ ନାଁ ଲେଖା ମୁଲ୍ ହେବାର୍‌କେ ଯାଉଥିବାର୍ ବେଲେ ସ୍କୁଲ୍ ନୁ ବାହରେ ଥିବା ଛୁଆମାନଙ୍କୁ ସ୍କୁଲ୍‌କେ ଫିରେଇ ଆନ୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିଭାବକ୍‌ମାନଙ୍କୁ ନିମନ୍ତ୍ରଣ ପତ୍ର ଦେବେ । ମାର୍ଚ୍ଚ ୧୭ ତାରିଖ ମୁଖ୍ୟମନ୍ତ୍ରୀଙ୍କର ନିମନ୍ତ୍ରଣ ପତ୍ର ପଠାଯିବା ଆଉ ଜିଲ୍ଲା ପ୍ରଶାସନ୍ ମାନଙ୍କର ତର୍‌ଫୁ ୨୫ ତାରିଖ୍

ତକ୍ ଇତାକେ ବାଂଟବାର୍ ଲକ୍ଷ୍ୟ ରଖାଯାଇଛେ । ଏପ୍ରିଲ ୨ ତାରିଖ୍‌ନୁ ହେବାର୍‌କେ ଥିବା ୪ ଦିନିଆ ଖଡ଼ିଛୁଆଁ ଉତ୍ସବ୍ ପାଲନ୍ ଲାଗି ସବୁ ପ୍ରକାର ବ୍ୟବସ୍ଥା କର୍‌ବାର୍‌କେ ଜିଲ୍ଲା ପ୍ରଶାସନମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛେ । ସ୍କୁଲ୍‌ମାନକେ ନାଁ ଲେଖା ବଢ଼ାବାର୍ ଲାଗି ରାଜ୍ୟର ବ୍ଲକ୍‌ମାନ୍‌କେ ୩ ଶହ ୧୪ଟା ସଚେତନତା ରଥ ଭିଲ୍ ବୁଲ୍‌ବା ।

ରାଜସ୍ୱ ମନ୍ତ୍ରୀ ସମୀକ୍ଷା-          ଆର୍‌ଏନ୍‌ୟୁ ସମ୍ବଲପୁର

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରେଲ୍ ଆଉ ଜାତୀୟ ରାଜ୍‌ପଥ ବିଭାଗ୍‌ର ଅଧିକାରୀମାନଙ୍କର ସଙ୍ଗେ ଭିନ୍ ଭିନ୍ ପ୍ରକଳ୍ପର୍ ଅଗ୍ରଗତି ବାବ୍‌ଦେ ସମୀକ୍ଷା କରିଛନ୍ । ବୈଠକ୍‌ଥି ମନ୍ତ୍ରୀ ଶ୍ରୀ ପୂଜାରୀ ଧାରିଜ୍ ସମିଆ ଭିତ୍‌ରେ ପ୍ରକଳ୍ପ କାମ୍ ସାର୍‌ବାର୍‌କେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ । ଭୁବନେଶ୍ୱର ଲୋକ ସେବା ଭବନ୍‌ନ ହେଇଥିବା ବୈଠକ୍‌ଥି ଖୋର୍ଦ୍ଧା-ବଲାଙ୍ଗୀର, ବିମଳଗଡ଼-ତାଲ୍‌ଚେର ଆଉ କଳାହାଣ୍ଡିନ ରେଲ୍ ୱାଗନ୍ ପ୍ରକଳ୍ପ ବାବ୍‌ଦେ ଆଲୋଚନା ହେଇଛେ ।

ସୁଭଦ୍ରା          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସାରା ରାଜ୍ୟର୍ ପଂଚାୟତ୍ ମାନ୍‌କେ ଆଏଜ୍ ସୁଭଦ୍ରା ହିତାଧିକାରୀମାନ୍‌କର୍  ରେଲି ହେବା । ଶୋଭାଯାତ୍ରା ପଂଚାୟତ୍ କାର୍ଯ୍ୟାଲୟମାନ୍‌କର୍‌ନ ବାହାରିକରି ଆଖର୍‌ପାଖର୍ ଗାଁମାନ୍‌କେ ବୁଲ୍‌ବା ।

ଇନ ଜନେଇ ଦିଆଯାଇପାରେ ଯେ, ଆଏବା ଗୁରୁବାର୍ ଦିନ ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତିର୍ ୫ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ହିତାଧିକାରୀମାନ୍‌କୁ ଦିଆଯିବା । ସେନ୍ତା ମାର୍ଚ୍ଚ ୮ ତାରିଖ୍ ୨ ନମ୍ବର୍ କିସ୍ତିର୍ ପହେଲା ଖେପ୍ ସାହାଜ୍ ଟଙ୍କା ହିତାଧିକାରୀମାନ୍‌କୁ ବଂଟାଯିବା ।

ସମ୍ବଲପୁର ସୁଭଦ୍ରା ଶକ୍ତି ମେଲା      ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ପିଏଚ୍‌ଡି ପଡ଼ିଆଠାନେ ଆଏଜ୍‌ଠାନୁ ସୁଭଦ୍ରା ଶକ୍ତି ମେଲା ୨୦୨୫ ମୁଲ୍ ହେବା । ଇ ଅବ୍‌ସରେ ରାଏଜର ଭିନ୍ ଭିନ୍ ଜିଲ୍ଲାନୁ ଆସିଥିବା ମହିଳା ସ୍ୱୟଂ ସହାୟକ୍ ଗୋଷ୍ଠୀମାନଙ୍କର ଉତ୍ପାଦିତ୍ ଭିନ୍ ଭିନ୍ ଦରବ୍ ପ୍ରଦର୍ଶିତ୍ ଆଉ ବିକ୍ରିବଟା ହେବା । ମେଲା ଆଏବା ୧୧ ତାରିଖ୍‌ତକ୍ ଚାଲ୍‌ବା । ଫି ଦିନ ସଂଜବେଲେ ସାଂସ୍କୃତିକ କାର୍ଯ୍ୟକ୍ରମ୍‌ମାନ ଭିଲ୍ ହେବା ।

ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଶବ ବାହକ୍ ଗାଡ଼ି    କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ରାଜ୍ୟ ସଭା ସାଂସଦ ସୁଜିତ୍ କୁମାର ଜିଲ୍ଲାର କେସିଙ୍ଗା ଆଉ ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଲାଗି ଦୁଇଟା ଶବ ବାହକ୍ ଗାଡ଼ିର୍ ଶୁଭାରମ୍ଭ କରିଛନ୍ । ସାଂସଦ୍ ଆଚଲିକ୍ ପାଣ୍ଠିର ଅନୁଦାନଥି ଦୁହି ଗାଡ଼ି ଯୁଗେଇ ଦିଆଯାଇଛେ । ଜିଲ୍ଲା ମୁଖ୍ୟ ଡାକ୍ତରଖାନାଠାନେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ଥି ଗାଡ଼ିର ଶୁଭାରମ୍ଭ ହେଇଛେ ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

ସାରା ରାଏଜେ ବଢ଼ି ଚାଲିଛେ ଖରା ଆଉ ଗରମ୍ । ଆଏବା ୩/୪  ଦିନ୍ ପାଗ୍ ଏନ୍ତା ରହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଦିନର୍ ତାପମାତ୍ରା ୩୯ ଡିଗ୍ରୀ ସହେତେ ଝାର୍ସୁଗୁଡ଼ା ଗଲାକାଏଲ୍ ରାଜ୍ୟର୍ ସବୁନୁ

ତତ୍‌ଲା ସହର୍ ହେଇଥିଲା । ପଶ୍ଚିମ ଓଡ଼ିଶାର ସବୁ ଇଲାକାର୍ ଦିନର୍ ତାତି ଗଲାକାଏଲ୍ ୩୬ ଡିଗ୍ରୀ ଉପ୍ରେ ରହିଥିଲା ।